ସୂଚନା ଓ ଲୋକ ସଂପର୍କ ବିଭାଗ
Information & Public Relations Department
Government of Odisha, Bhubaneswar-751001
Phone : (91-674) 2536736 /2390818 (Fax)
e-mail : iprsec.or@nic.in

News ID-IPR/Culture(OD)/808/01-12-2020

# ଆରମ୍ଭ ହେଲା କୋଣାର୍କ ଉତ୍ସବ
## ପ୍ରଥମ ଦିନରେ ଦର୍ଶକ ମନମୋହିଲା ଓଡ଼ିଶୀ ଓ ଭାରତ ନାଟ୍ୟମ୍

ଭୁବନେଶ୍ୱର, ତା.୦୧/୧୨/୨୦୨୦

ଆଜି ସନ୍ଧ୍ୟାରେ ଅର୍କକ୍ଷେତ୍ର କୋଣାର୍କର ମୁକ୍ତାକାଶ ରଙ୍ଗମଞ୍ଚରେ ୩୧ତମ କୋଣାର୍କ ଉତ୍ସବର ଶୁଭାରମ୍ଭ କରାଯାଇଛି । ଏଥିରେ ଅତିଥି ଭାବେ ପର୍ଯ୍ୟଟନ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ଶ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ, ଶକ୍ତି, ଶିଳ୍ପ, ଏମ୍ଏସ୍ଏମ୍ଇ ଓ ଗୃହ ରାଷ୍ଟ୍ରମନ୍ତ୍ରୀ କ୍ୟାପ୍ଟେନ୍ ଦିବ୍ୟଶଙ୍କର ମିଶ୍ର, ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ଶ୍ରୀ ସମୀର ରଞ୍ଜନ ଦାଶ, ସୂଚନା ଓ ପ୍ରଯୁକ୍ତି ବିଦ୍ୟା, କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ଶ୍ରୀ ତୁଷାରକାନ୍ତି ବେହେରା, ଜଗତସିଂହପୁର ସାଂସଦ ଡ. ରାଜଶ୍ରୀ ମଲ୍ଲିକ, ଓଡ଼ିଶା ପର୍ଯ୍ୟଟନ ନିଗମର ଅଧ୍ୟକ୍ଷା ଶ୍ରୀମତୀ ଶ୍ରୀମୟୀ ମିଶ୍ର ଏବଂ ପୁରୀ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଶ୍ରୀ ଜ୍ୟୋତିର୍ମୟ ଦଳାଇ, ପର୍ଯ୍ୟଟନ ସଚିବ ଶ୍ରୀ ବିଶାଳ ଦେବ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଏହି ଉତ୍ସବକୁ ଆନୁଷ୍ଠାନିକ ଭାବେ ପ୍ରଦୀପ ପ୍ରଜ୍ୱଳନ କରି ଶୁଭାରମ୍ଭ କରିଥିଲେ । କୋଭିଡ୍ ମାର୍ଗଦର୍ଶିକା ଅନୁଯାୟୀ ସମସ୍ତ ଦର୍ଶକଙ୍କୁ ଉଚିତ ବ୍ୟବଧାନରେ ବସିବା ବ୍ୟବସ୍ଥା କରାଯାଇଥିଲା । ଏଥି ସହିତ ଦର୍ଶକଙ୍କୁ ସାନିଟାଇଜ୍ କରାଯାଇ ଦର୍ଶକ ଗ୍ୟାଲେରୀକୁ ଛଡ଼ା ଯାଇଥିଲା ।

ପ୍ରଥମ ଦିନରେ  ସାଂସ୍କୃତିକ କାର୍ଯ୍ୟକ୍ରମ ଭାବେ ଓଡ଼ିଆ ଡ୍ୟାନ୍ସ ଏକାଡେମୀ ତରଫରୁ ଶ୍ରୀମତୀ ଅରୁଣା ମହାନ୍ତି ଏବଂ ସାଥୀଙ୍କ ଦ୍ୱାରା ଓଡ଼ିଶୀ ନୃତ୍ୟ ପରିବେଷଣ କରାଯାଇଥିଲା । ପରେ ଚେନ୍ନାଇର ଶ୍ରୀଦେବୀ ନୃତ୍ୟାଳୟର କଳାକାରମାନେ ଶ୍ରୀମତୀ ଶୀଲା ଉନିକ୍ରିଷ୍ଣନ୍‌ଙ୍କ ସହିତ ଭାରତ ନାଟ୍ୟମ୍ ପରିବେଷଣ କରି ଦର୍ଶକଙ୍କୁ ମୁଗ୍ଧ କରିଥିଲେ । ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ଡ. ମୃତ୍ୟୁଞ୍ଜୟ ରଥ ଓ ସଂହତି ପାଣି ।

ସଂଜ ନଇଁବା ଆଗରୁ ଚନ୍ଦ୍ରଭାଗା ବେଳାଭୂମିଠାରେ ନବମ ଅର୍ନ୍ତଜାତୀୟ ବାଲୁକା କଳା ଉତ୍ସବକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରି ଅତିଥିମାନେ ବୁଲି ଦେଖିଥିଲେ । ଏଥିରେ ୨୫ ଗୋଟି ଷ୍ଟଲ୍‌ରେ ୭୦  ଜଣ ପ୍ରତିଯୋଗୀଙ୍କ ମଧ୍ୟରୁ ୬ ଜଣ ବାହାର ରାଜ୍ୟର ଶିଳ୍ପୀ ଯୋଗଦେଇ ନିଜ ନିଜର ବାଲୁକା କଳା ପ୍ରଦର୍ଶନ କରିଛନ୍ତି ।

ସୁବାଷ ନିଆଲ
ସୂଚନା ଅଧିକାରୀ